ଜଟଣୀ ପୁସ୍ତକମେଳାର ଷଷ୍ଠ ସନ୍ଧ୍ୟା

# ଓଡ଼ିଶୀ ନୃତ୍ୟୋତ୍ସବ ଓ ସଙ୍ଗୀତ ସମାରୋହ




**ଜଟଣୀ,୧୫।୪/ଏନ୍ଏନ୍ଏସ୍:** ବିଂଶତମ ଜଟଣୀ ପୁସ୍ତକମେଳାର ଆଜିଥିଲା ଷଷ୍ଠ ସନ୍ଧ୍ୟା । ସ୍ଥାନୀୟ ଟାଉନ୍‌ହଲ (ସ୍ରଷ୍ଟା)ରେ ଓଡ଼ିଶୀ ନୃତ୍ୟୋତ୍ସବ ଓ ସଙ୍ଗୀତ ସମାରୋହ 'ସଙ୍ଗୀତା' ପକ୍ଷରୁ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଆଜି ପୂର୍ବାହ୍ନରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରତିଯୋଗିତା ହୋଇଥିଲା । ଏଥିରେ ଶଙ୍ଖଧ୍ୱନି, ହୁଳହୁଳି, ମୁରୁଜ, ଓଡ଼ିଆ ରନ୍ଧନ ଖାଦ୍ୟ, ନବମ ଶ୍ରେଣୀ ପିଲାମାନଙ୍କ ପକ୍ଷରୁ କୌତୁକ ପୋଷାକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ଏଥିରେ ବିଚାରକ ଭାବେ ପଦ୍ମନାଭ ପାଣିଗ୍ରାହୀ, ଆରତୀ ନାୟକ, ଦେବରାଜ ପ୍ରଧାନ, ଅକ୍ଷୟ ମହାନ୍ତି, ସୁକାନ୍ତ ଲେଙ୍କା, ସନ୍ତୋଷ ବସନ୍ତରାୟ, ରଶ୍ମିତା ନାୟକଙ୍କ ସହିତ ଅନୁଷ୍ଠାନର ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ରାଉତ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଭବାନୀଚରଣ ମହାପାତ୍ର ପରିଚାଳନା କରିଥିଲେ । ସେହିପରି ସନ୍ଧ୍ୟା କାର୍ଯ୍ୟକ୍ରମରେ 'ସଙ୍ଗୀତା' ପକ୍ଷରୁ ସଙ୍ଗୀତ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ସାମ୍ବାଦିକ ତଥା ସଙ୍ଗୀତଜ୍ଞ ବିଶ୍ୱନାଥ ପଟ୍ଟନାୟକଙ୍କ ଦ୍ୱାରା ପୁରାତନ ସଙ୍ଗୀତ ଗୁଡ଼ିକର ଗାନ ହୋଇଥିଲାବେଳେ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ଏ ନେଇ ସଙ୍ଗୀତା ଅନୁଷ୍ଠାନର ୫୦ ବର୍ଷ ପୂର୍ତ୍ତି ପଦାର୍ପଣ କରିବାକୁ ଯାଉଥିବା ଅବସରରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ତଥା ସାମ୍ବାଦିକ ଦିଲ୍ଲୀପ କୁମାର ଶତପଥୀଙ୍କୁ ପୁସ୍ତକମେଳା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଆଜିର ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ବିଭାଗ ପକ୍ଷରୁ ସରସ୍ୱତୀ ବନ୍ଦନାରୁ ଶୁଭାରମ୍ଭ କରାଯାଇ ସଙ୍ଗୀତ ପରିବେଷଣ କରାଯାଇଥିଲା ।